# NATIONAL NEWS BULLETIN (ODIA)
## 21 May - 2026
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ପଞ୍ଚରାଷ୍ଟ୍ରୀୟ ଗସ୍ତ ଅବସରରେ ୫୭ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି, କହିଲେ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ।
- ଦେଶର ଅଟୋମୋବାଇଲ୍ ଶିଳ୍ପ କ୍ଷେତ୍ରକୁ ବିଶ୍ୱର ଶୀର୍ଷ ସ୍ଥାନକୁ ଉନ୍ନିତ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର ।
- ନୂଆଦିଲ୍ଲୀଠାରେ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଚତୁର୍ଥ ଭାରତ-ଆଫ୍ରିକା ଶିଖର ସମ୍ମିଳନୀ ବର୍ତ୍ତମାନ ପାଇଁ ସ୍ଥଗିତ ।
- ସମସ୍ତ ପ୍ରକାର ଆତଙ୍କବାଦ କାର୍ଯ୍ୟକଳାପର ମୁକାବିଲା ପାଇଁ ସମ୍ମିଳିତ ବିଶ୍ୱ ପ୍ରୟାସ ଉପରେ ଗୁରୁତ୍ୱ ପ୍ରଦାନ କରିଛି ଭାରତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଗୁଜରାଟ ଟାଇଟନ୍ସକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଚେନ୍ନାଇ ସୁପରକିଙ୍ଗସ୍ ।

# ଗୋୟଲ-ପିଏମ୍ ଭିଜିଟ୍

ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ସମଗ୍ର ବିଶ୍ୱ ଏବେ ଭାରତକୁ ଏକ ବିଶ୍ୱସ୍ତ ସହଯୋଗୀ ଭାବରେ ଗ୍ରହଣ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଞ୍ଚରାଷ୍ଟ୍ରୀୟ ଗସ୍ତ ଉପରେ ଆଲୋକପାତ କରି ନୂଆଦିଲ୍ଲୀ ଠାରେ ଆଜି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଗୋୟଲ କହିଛନ୍ତି, ଏହି ଗସ୍ତ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ସୁଯୋଗକୁ ନିଶ୍ଚିତ କରିଛି । ଗସ୍ତ ଅବସରରେ ଭାରତରେ ୭୫ରୁ ୧୦୦ ବିଲିୟନ୍ ଡଲାର୍ ନିବେଶ ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ ପ୍ରତିଶ୍ରୁତି ପ୍ରଦାନ କରିଛି । ଏଥିସହ ବିଭିନ୍ନ ରାଷ୍ଟ୍ର ସହିତ ୫୭ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି ବୋଲି ଶ୍ରୀ ଗୋୟଲ କହିଛନ୍ତି ।

**VO-**

ଶ୍ରୀ ମୋଦୀଙ୍କ ବିରୁଦ୍ଧରେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ କଥିତ ଅପମାନ ଜନିତ ମନ୍ତବ୍ୟକୁ ଶ୍ରୀ ଗୋୟଲ ଦୃଢ଼ ନିନ୍ଦା କରିଛନ୍ତି ।

# ଗଡ଼କରୀ-ଅଟୋ ମୋବାଇଲ୍

ଭାରତର ଅଟୋ ମୋବାଇଲ୍ ଶିଳ୍ପ କ୍ଷେତ୍ରକୁ ବିଶ୍ୱରେ ଶୀର୍ଷ ସ୍ଥାନକୁ ଉନ୍ନିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସଡ଼କ ପରିବହନ ଓ

ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ନୂଆଦିଲ୍ଲୀ ଠାରେ ଆଜି **AMCHAM**ର ବାର୍ଷିକ ନେତୃତ୍ୱ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଗଡ଼କରୀ କହିଛନ୍ତି, ଜାପାନକୁ ପଛରେ ପକାଇ ଭାରତ ଅଟୋ ମୋବାଇଲ୍ ଶିଳ୍ପ କ୍ଷେତ୍ରରେ ବିଶ୍ୱର ତୃତୀୟ ବୃହତମ ରାଷ୍ଟ୍ର ହୋଇଛି । ଆମେରିକା ୭୯ ଲକ୍ଷ କୋଟି ଟଙ୍କାର ଶିଳ୍ପ କ୍ଷେତ୍ର ସହିତ ଅଟୋ ମୋବାଇଲ୍ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଥିବା ବେଳେ ୩୯ ଲକ୍ଷ କୋଟି ସହ ଚୀନ୍ ଦ୍ୱିତୀୟ ସ୍ଥାନରେ ରହିଛି । ଭାରତର ଅଟୋ ମୋବାଇଲ୍ ଶିଳ୍ପ କ୍ଷେତ୍ର ଏବେ ୨୨ ଲକ୍ଷ କୋଟି ଟଙ୍କାରେ ରହିଛି । ଏ କ୍ଷେତ୍ରରେ ବାର୍ଷିକ ଶିଳ୍ପ ଅଭିବୃଦ୍ଧି ୩୦ରୁ ୪୦ ପ୍ରତିଶତ ରହିଛି ବୋଲି ଶ୍ରୀ ଗଡ଼କରୀ କହିଛନ୍ତି । ବିକଳ୍ପ ଇନ୍ଧନ ଏବଂ ଜୈବ ଇନ୍ଧନ, ଇଥାନଲ, ମିଥାନଲ, ବାୟୋଡିଜେଲ୍, ଏଲ୍.ଏନ୍.ଜି., ବୈଦ୍ୟୁତିକ ଏବଂ ହାଇଡ୍ରୋଜେନ୍ କ୍ଷେତ୍ର ଉପରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ଗଡ଼କରୀ ସୂଚନା ଦେଇଛନ୍ତି ।

## ସାଇପ୍ରସ୍-ପ୍ରେଜ୍ ଭିଜିଟ୍

ଦ୍ୱିପାକ୍ଷିକ ନିବେଶ ଏବଂ ଭାରତ ସହ ବ୍ୟବସାୟ ଓ ଆର୍ଥିକ ସଂପର୍କକୁ ସୁଦୃଢ଼ କରିବା ପାଇଁ ସାଇପ୍ରସ୍ ଆଗ୍ରହୀ ବୋଲି ରାଷ୍ଟ୍ରପତି ନିକୋଶ କ୍ରିଷ୍ଟୋଡୋରିଡସ୍ କହିଛନ୍ତି । ମୁମ୍ବାଇ ଠାରେ ଆଜି ଜାତୀୟ ଷ୍ଟକ୍

ଏକ୍ସଚେଞ୍ଜ ଗସ୍ତ ଅବସରରେ ପାରମ୍ପରିକ ଘଣ୍ଟି ବଜାଇବା ସମାରୋହରେ ଅଂଶଗ୍ରହଣ କରିଥିଲେ । ସେଠାରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ସେ କହିଛନ୍ତି, ଭାରତ, ୟୁରୋପ ଏବଂ ପୂର୍ବ ଭୂମଧ୍ୟ ସାଗର ଓ ମଧ୍ୟପ୍ରାଚ୍ୟ ମଧ୍ୟରେ ସାଇପ୍ରସ୍ ଏକ ପ୍ରାକୃତିକ ପ୍ରବେଶପଥ ଭାବେ କାର୍ଯ୍ୟ କରୁଛି ।

ରାଜନୈତିକ ଓ ଅର୍ଥନୈତିକ ସ୍ଥିରତାକୁ ନବସୃଜନ ଏବଂ ଭବିଷ୍ୟତ ଦୃଷ୍ଟିକୋଣ ଆଧାରରେ ସମନ୍ୱୟ ମାଧ୍ୟମରେ କାର୍ଯ୍ୟ କରିଥାଏ ବୋଲି ରାଷ୍ଟ୍ରପତି ନିକୋଶ କହିଛନ୍ତି । ବର୍ତ୍ତମାନର ସମୟ ନିବେଶ, ପୁଞ୍ଜିବଜାର ସହଯୋଗ ଏବଂ ଆର୍ଥିକ ସହଭାଗିତା ପାଇଁ ନୂତନ ମାର୍ଗ ଉନ୍ମୁକ୍ତ କରୁଛି । ଭାରତର ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ ଭଳି ପ୍ରତିଷ୍ଠାନ ଏ କ୍ଷେତ୍ରରେ ସମ୍ମିଳିତ ଉଦ୍ୟମର ଏକ ମାର୍ଗ ଭାବେ କାର୍ଯ୍ୟ କରୁଛି । ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ସହଭାଗିତାକୁ ଅଧିକ ସୁଦୃଢ଼ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ କହିଛନ୍ତି । ଏହା ପରେ ରାଷ୍ଟ୍ରପତି ନିକୋଶ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି ।

## ବୈଷ୍ଣବ-ସିକ୍ୟୁରିଟି ମିଟିଂ

ନୂଆଦିଲ୍ଲୀଠାରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧ୍ୟକ୍ଷତାରେ ବିଭାଗୀୟ କ୍ଷେତ୍ରୀୟ ଅଧିକାରୀଙ୍କର ଏକ ଉଚ୍ଚସ୍ତରୀୟ ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନିକଟରେ ଟ୍ରେନ୍‌ରେ ଘଟିଥିବା

ଅଗ୍ନିକାଣ୍ଡ ଘଟଣାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡ଼ିଛି । ପ୍ରାଥମିକ ତଦନ୍ତରୁ ଅଗ୍ନିକାଣ୍ଡ ଘଟଣାରେ ଅସାମାଜିକ ବ୍ୟକ୍ତିଙ୍କର ସମ୍ପୃକ୍ତି ସ୍ପଷ୍ଟ ହୋଇଛି । ତେବେ ଏଭଳି ଘଟଣାକୁ ଗୁରୁତର ସହ ଗ୍ରହଣ କରାଯିବା ସହିତ ରେଳ ସୁରକ୍ଷାବଳ ମାଧ୍ୟମରେ ଅଧିକ ତଦନ୍ତ ଜାରି ରହିଛି । କ୍ଷତ୍ରିୟ ସ୍ତରରେ ସୁରକ୍ଷା ସମ୍ପର୍କିତ ପ୍ରାକ୍ ତଥ୍ୟ ସଂଗ୍ରହକୁ ଅଧିକ ମଜବୁତ କରିବା ପାଇଁ ମତ ବିନିମୟ ହୋଇଛି । ପ୍ରଯୁକ୍ତି ବିଦ୍ୟା ଆଧାରିତ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା, ରେଳ ଯୋଗାଯୋଗ କ୍ଷେତ୍ରକୁ ସି.ସି. ଟିଭି ଅଧୀନରେ ରଖିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

## ଇଣ୍ଡିଆ-ଆଫ୍ରିକା ସମିଟ୍

ଚତୁର୍ଥ ଭାରତ-ଆଫ୍ରିକା ଶିଖର ସମ୍ମିଳନୀକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ନୂଆଦିଲ୍ଲୀରେ ଆସନ୍ତା ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା । ଆଫ୍ରିକାର କେତେକ ଅଞ୍ଚଳରେ ସ୍ୱାସ୍ଥ୍ୟ ସମସ୍ୟା ଜନିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି । ଭାରତ, ଆଫ୍ରିକୀୟ ସଂଘର ଅଧ୍ୟକ୍ଷ ଏବଂ ସଂଘ କମିଶନ୍‌ଙ୍କ ପରାମର୍ଶ

ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ପରବର୍ତ୍ତୀ ସମୟରେ ସମ୍ମିଳନୀ ଆୟୋଜନ ନେଇ ଉଭୟ ପକ୍ଷ ସହମତି ପ୍ରକାଶ କରିଛନ୍ତି ।

## ବ୍ରିକ୍ସ-ଗ୍ରୁପ୍ ମିଟିଂ

ସୀମାପାର ଆତଙ୍କବାଦ ସମେତ ସବୁ ପ୍ରକାର ଆତଙ୍କବାଦର ମୁକାବିଲା ପାଇଁ ଭାରତ ସମ୍ମିଳିତ ବିଶ୍ୱ ପ୍ରୟାସ ଉପରେ ଗୁରୁତ୍ୱ ପ୍ରଦାନ କରିଛି । ନୂଆଦିଲ୍ଲୀଠାରେ ଆଜି ଅନୁଷ୍ଠିତ ଏକାଦଶ ବାର୍ଷିକ ବ୍ରିକ୍ସ ଆତଙ୍କବାଦ ବିରୋଧୀ କାର୍ଯ୍ୟ ଗୋଷ୍ଠୀ ବୈଠକରେ ଉଦ୍‌ବୋଧନ ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପଶ୍ଚିମ ଭାଗ ସଚିବ, ସିବି ଜର୍ଜ ଏହା କହିଛନ୍ତି । ଆତଙ୍କବାଦୀଙ୍କୁ ଆଶ୍ରୟ ଏବଂ ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ପ୍ରଦାନ କରୁଥିବା ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନକୁ ଏଥିପାଇଁ ଦାୟି କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଆତଙ୍କବାଦ କାର୍ଯ୍ୟକଳାପ ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ ଏବଂ ସେମାନଙ୍କ ଦ୍ୱାରା ଆଧୁନିକ ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାରକୁ ରୋକିବା ପାଇଁ ଦୃଢ଼ ଆନ୍ତର୍ଜାତିକ ସହଯୋଗ ଉପରେ ଶ୍ରୀ ଜର୍ଜ ଗୁରୁତ୍ୱ ଦେଇଛନ୍ତି । ବ୍ରିକ୍ସ ଆତଙ୍କବାଦ ବିରୋଧୀ କାର୍ଯ୍ୟ ପ୍ରଣାଳୀକୁ ଅଧିକ ବ୍ୟବସ୍ଥିତ, ସମାବେଶୀ ଏବଂ ଫଳାଫଳ ଆଧାରିତ କରିବାକୁ ଶ୍ରୀ ଜର୍ଜ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

# ଡବ୍ଲ୍ୟୁବି-ବନ୍ଦେ ମାତରମ

ପଶ୍ଚିମବଙ୍ଗର ସମସ୍ତ ମଦ୍ରାସାରେ ସକାଳ ପ୍ରାର୍ଥନା ସଭାରେ ବନ୍ଦେ ମାତରମ୍ ଗାୟନକୁ ବାଧ୍ୟତା ମୂଳକ କରାଯାଇଛି । ରାଜ୍ୟ ମଦ୍ରାସା ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି ହୋଇଛି । ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ସମସ୍ତ ମଦ୍ରାସା ପ୍ରତି ଏହି ନିୟମାବଳୀ ଲାଗୁ ହେବ ବୋଲି ଶିକ୍ଷା ନିର୍ଦ୍ଦେଶାଳୟ ସ୍ପଷ୍ଟ କରିଛି ।

ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ସବୁ ଶିକ୍ଷାନୁଷ୍ଠାନରେ ପ୍ରାର୍ଥନା ସମୟରେ ସମାନତା ଆଣିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍, ଜିଲ୍ଲା ବିଦ୍ୟାଳୟ ନିରୀକ୍ଷକ ଏବଂ ପଶ୍ଚିମବଙ୍ଗ ମଦ୍ରାସା ଶିକ୍ଷା ବୋର୍ଡକୁ କୁହାଯାଇଛି । ପୂର୍ବରୁ ରାଜ୍ୟରେ ସମସ୍ତ ବିଦ୍ୟାଳୟରେ ବନ୍ଦେ ମାତରମ ଗାନକୁ ବାଧ୍ୟତା ମୂଳକ କରାଯିବା ସଂକ୍ରାନ୍ତ ନିର୍ଦ୍ଦେଶନାମା ପଶ୍ଚିମବଙ୍ଗ ସରକାର ଜାରି କରିଥିଲେ । ଇତିମଧ୍ୟରେ ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ୍ ୧୯୭୧ରେ ସଂଶୋଧନ ପାଇଁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି । ସଂଶୋଧିତ ହେବାକୁ ଥିବା ନିୟମରେ ବନ୍ଦେ ମାତରମ ଗାୟନରେ ବାଧା ସୃଷ୍ଟିକୁ ଏକ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରିବାକୁ ପ୍ରସ୍ତାବ ରହିଛି ।

# ଉତ୍ତରାଖଣ୍ଡ-କିଲ୍ଡ

ଉତ୍ତରାଖଣ୍ଡ ନୈନିତାଲ ଜିଲ୍ଲା ଅନ୍ତର୍ଗତ ଭଓ୍ୱାଲି ଅଞ୍ଚଳର ସାନାଟୋରିୟମ୍-ରତିଘାଟ ବାଇପାସ୍ ରାସ୍ତାରେ ଏକ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଛି । ସେଥିରେ ୨ ଜଣ ମହିଳା ରହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଧୈଲା ଗ୍ରାମ ନିକଟରେ ଏକ ଯାତ୍ରୀବାହି ଗାଡ଼ି ଘାଟିରୁ ଖସି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ସ୍ଥାନୀୟ ପୁଲିସ୍ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରସମନ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହଗୁଡ଼ିକୁ ଉଦ୍ଧାର କରିଛନ୍ତି । ଘଟଣାର ତଦନ୍ତ ଜାରି ରହିଛି ।

# ମାଉଣ୍ଟ ଏଭରେଷ୍ଟ ରେକର୍ଡ଼

ନେପାଳ ପଟୁ ୨୭୪ ଜଣ ପର୍ବତାରୋହୀ ଗୋଟିଏ ଦିନରେ ଏଭରେଷ୍ଟ ଶୃଙ୍ଗ ଆରୋହଣ କରି ଏକ ନୂତନ ରେକର୍ଡ଼ ସ୍ଥାପନ କରିଛନ୍ତି । ସେଥିରେ ତିନି ଜଣ ଭାରତୀୟ ଅନ୍ତର୍ଭୁକ୍ତ । ସେମାନେ ହେଉଛନ୍ତି, ତୁଳସୀ ରେଡ୍ଡୀ ପାଲପୁନୁରୀ, ସନ୍ଦୀପ ଆରେ ଏବଂ ଅଜୟପାଲ ସିଂହ ଧାଲିଓ୍ୱାଲ । ନେପାଳର କାମି ରିତା ସେର୍ପା ମଧ୍ୟ ୩୨ଥର ଏଭରେଷ୍ଟ ଶିଖର ଆରୋହଣ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି ।

# ଇଣ୍ଟର-ମିନିଷ୍ଟ୍ରିୟାଲ୍ ବ୍ରିଫିଂ

ଦେଶରେ ଏଲ୍‌ପିଜି ଉତ୍ପାଦନ ବୃଦ୍ଧି ପାଇବା ସହିତ ଦୈନିକ ରିଫାଇନାରି ଗୁଡ଼ିକରେ ପାଖାପାଖି ୪୭ ହଜାର ଟନ୍ ଏଲ୍‌ପିଜି ଉତ୍ପାଦିତ ହେଉଛି ବୋଲି ସରକାର କହିଛନ୍ତି । ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଆନ୍ତଃ ମନ୍ତ୍ରଣାଳୟ ସୂଚନା ପ୍ରଦାନ ପରିପ୍ରେକ୍ଷୀରେ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହା କହିଛନ୍ତି । ଦେଶରେ ପେଟ୍ରୋଲ, ଡିଜେଲ୍, ପ୍ରାକୃତିକ ଗ୍ୟାସ୍ ଏବଂ ଏଲ୍‌ପିଜି ଯୋଗାଣ ଅବ୍ୟାହତ ରହିଛି । ସେ କହିଛନ୍ତି, ଗତ ୩ ଦିନ ମଧ୍ୟରେ ୧ କୋଟି ୩୪ ଲକ୍ଷ ଘରୋଇ ଏଲ୍‌ପିଜି ବିତରଣ କରାଯାଇ ସାରିଲାଣି । ମାର୍ଚ୍ଚ ମାସ ପରଠାରୁ ଇତିମଧ୍ୟରେ ୭ ଦଶମିକ୍ ୬ ଲକ୍ଷରୁ ଅଧିକ ପରିବାରକୁ ପି.ଏନ୍.ଜି. ସଂଯୋଗ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି ।

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ମୁକେଶ ମଙ୍ଗଲ କହିଛନ୍ତି, ଗତ ୭୨ ଘଣ୍ଟା ମଧ୍ୟରେ ଭାରତୀୟ ପତାକାବାହୀ ଜାହାଜ କିମ୍ବା ଭାରତୀୟ କର୍ମଚାରୀଙ୍କୁ ନେଇ ଯାଉଥିବା ବିଦେଶୀ ଜାହାଜ ସହିତ କୌଣସି ପ୍ରକାର ଅଘଟ ଘଟିଥିବାର ରିପୋର୍ଟ୍ ହସ୍ତଗତ ହୋଇନାହିଁ । ଏ ପର୍ଯ୍ୟନ୍ତ ୩ ହଜାର ୩୦୦ରୁ ଅଧିକ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଅଣାଯାଇପାରିଛି ବୋଲି ଶ୍ରୀ ମଙ୍ଗଲ ସୂଚନା ଦେଇଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ଗୁଜରାଟ ଟାଇଟନ୍ସ ଏବଂ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗସ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।